
ଧରିତ୍ରୀ
DHARITRI
June 7-13, 2020 ₹ 2/-

# ଛୁଟିଦିନ



# ଶସ୍ୟର ଶତ୍ରୁ

୩
ପ୍ରଚ୍ଛଦ ପ୍ରସଙ୍ଗ

ଆକାର ଦୃଷ୍ଟିରୁ ବିଚାରକଲେ ପଙ୍ଗପାଳ ଏକ କ୍ଷୁଦ୍ରକୀଟ। ମାତ୍ର ଏହି କ୍ଷୁଦ୍ରକୀଟର ସାମୂହିକ ଆକ୍ରମଣ ମଣିଷ ଜାତି ପାଇଁ ଯେ କେତେ ଭୟଙ୍କର ତାହା ସହଜରେ ଅନୁମେୟ...








ସିନେମା
୫

୮
ବ୍ୟାକ୍ ପେଜ୍

# ସିକ୍ସ ପ୍ୟାକ୍ ବାଳକ

**ଆ**ଜିକାଲି ଯୁବଗୋଷ୍ଠୀଙ୍କ ମଧ୍ୟରେ ସିକ୍ସ ପ୍ୟାକ୍‌ର କ୍ରେଜ୍ ଦେଖିବାକୁ ମିଳୁଛି। କିନ୍ତୁ କୌଣସି ଛୋଟ ପିଲାର ସିକ୍ସ ପ୍ୟାକ୍ କେହି ଦେଖି ନ ଥିବେ। ଆଉ ସତରେ ସେମିତି ଜଣେ ବାଳକ ଅଛି, ଯାହାର ବଳିଷ୍ଠ ଶରୀର ଦେଖିଲେ ବଡ଼ମାନେ ବି ଈର୍ଷାନ୍ୱିତ ହୋଇଯିବେ। ଏହି ପିଲାଟି ହେଉଛି ୬ ବର୍ଷୀୟ ଆରତ ହୋସେନି। ଇରାନରେ ଜନ୍ମିତ ଓ ଲିଭରପୁଲ୍‌ରେ ରହୁଥିବା ଏହି କୁନି ବାଳକ ଏବେ ଇନ୍‌ଷ୍ଟାଗ୍ରାମ ଷ୍ଟାର, ସସର୍ ପ୍ରୋଡିଜି ଓ ଜଣେ ଏକ୍ସପର୍ଟ ଜିମ୍ନାଷ୍ଟ ଭାବେ ପରିଚିତ। ଆଉ ସେ ଏହି ସୁନାମ ତାଙ୍କ ବାପା ମହମ୍ମଦଙ୍କ ଯୋଗୁ ପାଇଛନ୍ତି।



ସେ ଆରତଙ୍କୁ ମାତ୍ର ୯ ମାସର ହୋଇଥିବା ସମୟରୁ ଜିମ୍ନାଷ୍ଟିକ୍ ଶିଖାଇବା ଆରମ୍ଭ କରିଥିଲେ। ପରେ ସେ ସସର୍ ଖେଳର ତାଲିମ ବି ଆରମ୍ଭ କଲେ। ଏବେ ଆରତଙ୍କ ଖେଳିବା ଶୈଳୀ ଏତେ ଚମତ୍କାର ଯେ, ଲିଓନେଲ ମେସି, କ୍ରିଷ୍ଟିଆନ୍ ରୋନାଲ୍ଡୋ ଆଦି ତାଙ୍କ ଭିଡିଓ ଦେଖି ଆଶ୍ଚର୍ଯ୍ୟ ପ୍ରକଟ କରୁଛନ୍ତି। ଆରତଙ୍କ ବାପା ତାଙ୍କ ଶରୀରକୁ ବଳିଷ୍ଠ କରିବାରେ ବି ସାହାଯ୍ୟ କରିଛନ୍ତି। ଫଳରେ ତାଙ୍କର ଏବେ ସିକ୍ସପ୍ୟାକ୍ ସହ ବାଇସେପ୍ ବି ଅଛି। ଇନ୍‌ଷ୍ଟାଗ୍ରାମରେ ତାଙ୍କର ୪ ମିଲିୟନରୁ ଊର୍ଦ୍ଧ୍ୱ ଫଲୋୟର୍ ଅଛନ୍ତି। ତେବେ ଆରତଙ୍କ ବାପାଙ୍କୁ ଅନେକେ ଟଙ୍କା ପାଇଁ ପୁଅକୁ ଅଧିକ କଷ୍ଟ ଦେଉଥିବା କହି ଭର୍ତ୍ସନା କରୁଛନ୍ତି। ହେଲେ ସେ କହନ୍ତି, 'ଆରତ ଛୋଟବେଳୁ ବହୁତ ଆକ୍ଟିଭ୍ ଥିବା ସହ ଆଥଲେଟିକ୍ସରେ ଆଗ୍ରହ ଥିଲା। ତେଣୁ ମୁଁ କେବଳ ତାକୁ ତା'ର ଇଚ୍ଛା ପୂରଣ କରିବା ଲାଗି ତାଲିମ ଦେଇଛି।'

# ଏ ସପ୍ତାହର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର

ଜୁନ୍ ୭-୧୩

**ମେଷ**: ଉନ୍ନତ ଚିନ୍ତା, କୂଟନୀତିରେ ସଫଳତା, ବନ୍ଧୁ ସହାୟତା, ଅଭିଳଷିତ ଫଳପ୍ରାପ୍ତି। ଆତ୍ମୀୟସ୍ୱଜନଙ୍କ ବିରୋଧ, ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବେ। ବନ୍ଧୁମିଳନରୁ ଆନନ୍ଦ, ପରିବହନରେ ଉନ୍ନତି, ପାରିବାରିକ ଶାନ୍ତି।

**ବୃଷ**: କର୍ମଜଞ୍ଜାଳ ବୃଦ୍ଧି, ସାମାଜିକ ସମ୍ମାନ ପ୍ରାପ୍ତି, ଶୁଭଖବର ପାଇବେ, ଆନୁଷ୍ଠାନିକ ସଫଳତା, ଶାରୀରିକ ସୁସ୍ଥତା, ଖର୍ଚ୍ଚଭାର ବୃଦ୍ଧି, ଭ୍ରାତୃ ବିବାଦ, ଋଣ ପରିଶୋଧ, ବନ୍ଧୁଙ୍କ ଅଭିମାନ, ଦୂର ଯାତ୍ରା ପାଇଁ ମସୁଧା ।

**ମିଥୁନ**: ଶାରୀରିକ ଅସୁସ୍ଥତା, ପାରିବାରିକ ଶାନ୍ତି, ଆର୍ଥିକ ଉନ୍ନତି, ବ୍ୟବସାୟିକ ସଫଳତା, ସନ୍ତାନଙ୍କ ଗୌରବ, ମାମଲାର ସମାଧାନ, ପ୍ରଶାସନିକ ତତ୍ପରତା।

**କର୍କଟ**: ମାନସିକ ଶାନ୍ତି, ଅର୍ଥ ଓ ସମ୍ମାନଲାଭ, ବନ୍ଧୁଙ୍କ ସହଯୋଗ, ସାମୟିକ ଅସୁସ୍ଥତା। ବିବାଦର ପରିସମାପ୍ତି, ବାଣିଜ୍ୟରେ ପ୍ରତିଦ୍ୱନ୍ଦ୍ୱିତା, ସଭାସମିତିକୁ ଆହ୍ୱାନ। ପଡୋଶୀଙ୍କ ଉଦାରତା, ନୂତନ ସମ୍ପର୍କ।

**ସିଂହ**: କାର୍ଯ୍ୟହାନିରୁ ମନସ୍ତାପ, ଆଶା ପୂରଣ, କୂଟନୈତିକ ବିଜୟ। ପୁରାଣ ପଠନରେ ଶ୍ରଦ୍ଧା, ଲୋକ ସମ୍ପର୍କ ବଢ଼ିବ। ଟେନସନ୍ ବଢ଼ିଯିବ, ମିତ୍ର ଲାଭ, ପଦମର୍ଯ୍ୟାଦା ବୃଦ୍ଧି, ଆନୁଷ୍ଠାନିକ ସଫଳତା।

**କନ୍ୟା**: କାର୍ଯ୍ୟ ସିଦ୍ଧି, ଆରୋଗ୍ୟ ଲାଭ, ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ୍ୟ, ପ୍ରକାଶନରେ ସମସ୍ୟା। ରାଜନୈତିକ ତତ୍ପରତା, ପଡୋଶୀଙ୍କ ସୌହାର୍ଦ୍ଦ୍ୟ। ସୁସମ୍ବାଦରୁ ଖୁସୀ, ପରିବହନରେ ବିବାଦ।

**ତୁଳା**: ନୂତନ କର୍ମାରମ୍ଭ, ଆର୍ଥିକ ଉନ୍ନତି, ବନ୍ଧୁ ଅନୁରକ୍ତି, ମନୋରଞ୍ଜନ, ମନସ୍ତାପ। ଶିଳ୍ପ ବାଣିଜ୍ୟରେ ଉନ୍ନତି, ପରିବହନରୁ ଲାଭ, ପାରିବାରିକ ଅଶାନ୍ତି, ବିଶିଷ୍ଟ ବ୍ୟକ୍ତିଙ୍କ ପ୍ରେରଣା, ଯାତ୍ରାରେ ସଫଳତା, କଚେରି ମାମଲାରୁ ଦୁଃଖ।

**ବିଛା**: ମାନସିକ ପରିତୃପ୍ତି, ବନ୍ଧୁଙ୍କ ସହଯୋଗ, ଦ୍ରବ୍ୟ ନଷ୍ଟରୁ କ୍ଷୋଭ, ସାଂସ୍କୃତିକ କାର୍ଯ୍ୟ, ଗୁରୁଜନଙ୍କ ପ୍ରଶଂସା, ସଭାସମିତିରୁ ସୁଫଳ। ଟେନ୍ସନ କମିଯିବ, ପାରିବାରିକ ସମସ୍ୟା, ଯାତ୍ରାରେ ଅନ୍ୟମନସ୍କତା, ଆଣ୍ଠୁଗଣ୍ଠିରେ ପୀଡ଼ା, ଧାର୍ମିକ କାର୍ଯ୍ୟ।

**ଧନୁ**: ସ୍ୱାସ୍ଥ୍ୟରେ ଉନ୍ନତି, ମିତ୍ରଲାଭ, କର୍ମାରମ୍ଭରେ ପ୍ରତିବନ୍ଧକ। ପଡ଼ୋଶୀଙ୍କ ବିଶ୍ୱାସଘାତକତା, କରଜ କରିବେ, ନିର୍ମାଣାଧୀନରେ ଉନ୍ନତି। ଶିକ୍ଷାରେ ସଫଳତା, କାରବାରରେ ଉନ୍ନତି, ଭ୍ରମଣରେ ସମସ୍ୟା, ଶତ୍ରୁତାର ସମାଧାନ।

**ମକର**: ପାରିବାରିକ ଶାନ୍ତି, ସହକର୍ମୀଙ୍କ କଳହ, ସରକାରୀ ସହାୟତା, ସ୍ତ୍ରୀଙ୍କ ସୁପରାମର୍ଶ, ନୂତନ ସମ୍ପର୍କ ସୃଷ୍ଟି। ସ୍ଥଗିତ କାର୍ଯ୍ୟରେ ଅଗ୍ରଗତି, ନିଷ୍ପତ୍ତିର ପୁନର୍ବିଚାର, ଯାନବାହନ କ୍ରୟ। ଅପ୍ରିୟ ସତ୍ୟରୁ କଳହ, ସାଂସ୍କୃତିକ କାର୍ଯ୍ୟକ୍ରମ, ବିବାଦରେ ବିଜୟ ।

**କୁମ୍ଭ**: ବନ୍ଧୁଙ୍କ ଉଦାସୀନତା, ସହକର୍ମୀଙ୍କ ସହାନୁଭୂତି, ମାନସିକ ଚିନ୍ତାରୁ ବ୍ୟଗ୍ରତା, ବିଶ୍ୱାସରୁ ସନ୍ଦେହ। ପଡୋଶୀଙ୍କ ସୌଜନ୍ୟତା, ନୂତନ ପ୍ରକଳ୍ପାରମ୍ଭ, ସାମ୍ବାଦିକତାରୁ ଗୌରବ, ଗବେଷଣାରେ ସଫଳତା, ଧାର୍ମିକ କାର୍ଯ୍ୟ ।

**ମୀନ**: କର୍ମକ୍ଷେତ୍ରରେ ସମସ୍ୟା, ସ୍ୱାସ୍ଥ୍ୟହାନି, ସମ୍ପତ୍ତିକୁ ନେଇ କଳହ, ପାରିବାରିକ ସହଯୋଗ, ସାମୟିକ ଦୁର୍ବଳତା। ଅର୍ଥ ସାହାଯ୍ୟ ମିଳିବ, ଏଜେନ୍ସିପ୍‌ରେ ଉନ୍ନତି, ବିଦେଶଯାତ୍ରାର ସୁଯୋଗ, ଧାର୍ମିକ କାର୍ଯ୍ୟରେ ବାଧା।

# ଲମ୍ବା ନାକ ଥିବା କୁକୁର



**ବୋ**ରଜୋଇ ପ୍ରଜାତିର କୁକୁର ତା'ର ଲମ୍ବା ନାକ ପାଇଁ ବେଶ୍ ପରିଚିତ। ତେବେ ଏହି ପ୍ରଜାତିର ଇରିସ୍ ନାମକ ଏକ କୁକୁର ଏବେ ସବୁଠାରୁ ଲମ୍ବା ନାକ ଥିବା କୁକୁର କୁହାଯାଉଛି। ଏହାର ନାକର ଲମ୍ବା ହେଉଛି ୩୧ ସେ.ମି.। ଭର୍ଜିନିଆ, ରିଚମଣ୍ଡର ଏହି କୁକୁରଟିର ନାକ ଏତେ ଲମ୍ବା ହେଲେ ବି ବେଶ୍ ସୁନ୍ଦର ଦେଖାଯାଏ। ଏହା ମଡେଲ ପରି ପୋଜ୍ ଦେବାରେ ଧୁରନ୍ଧର। ଇନ୍‌ଷ୍ଟାଗ୍ରାମରେ ଏହାର ଏକ ଆକାଉଣ୍ଟ ବି ଅଛି, ଯେଉଁଥିରେ ୧୭୯ ହଜାର ଫଲୋୟର ଅଛନ୍ତି।

# ପାଠକୀୟ

- ମହାମାରୀର ଆତଙ୍କ ଭିତରେ ଅନ୍ୟ ଜୀବନରେ ହସ ଫୁଟାଉଥିବା ବ୍ୟକ୍ତିଙ୍କ ଉପରେ ଆଧାରିତ ପ୍ରଚ୍ଛଦ ପ୍ରସଙ୍ଗ 'ଟିକିଏ ଖୁସି ପାଇଁ' ହୃଦୟସ୍ପର୍ଶୀ ଥିଲା। ରେନ୍‌ମ୍ୟାନ ସମ୍ପର୍କରେ ପଢି ଆଶ୍ଚର୍ଯ୍ୟ ଲାଗିଲା। ସୃଜନ ପୃଷ୍ଠାର ଗପ କବିତା ବି ମନଛୁଆଁ ହୋଇଥିଲା।

  *–ରବୀନ୍ଦ୍ର ମହାକୁଡ, ଘେସ, ବରଗଡ*

- ମହାମାରୀ ସମୟରେ ଯୋଦ୍ଧା ସାଜିଥିବା ବ୍ୟକ୍ତିଙ୍କ ବଦାନ୍ୟତା ସତରେ ପ୍ରଶଂସନୀୟ। ପ୍ରଚ୍ଛଦ ପ୍ରସଙ୍ଗରେ ସେମାନଙ୍କ ସମ୍ପର୍କରେ ପଢି ବହୁତ ଭଲ ଲାଗିଲା। ସିନେମା ପୃଷ୍ଠାରେ ଅନୁଷ୍କା ୨୦ କି.ଗ୍ରା. ଓଜନ ବଢାଇଥିବା ପାଠଟି ବେଶ୍ ମଜାଦାର ଥିଲା। ମଡେଲ ମିରର୍‌ରେ ରାନୀ ବେଶ୍ ସୁନ୍ଦର ଲାଗୁଥିଲେ।

  *–ମୋହନ ସୁନ୍ଦର ବିଶୋଇ, ଆର୍. ଉଦୟଗିରି, ଗଜପତି*

- ଚିନ୍ମୟ ଚିନ୍ତନରେ ପ୍ରଭୁ ବି ଆସିବେ ପାଖକୁ ବିଷୟଟି ବେଶ୍ ହୃଦୟସ୍ପର୍ଶୀ ଥିଲା। ବ୍ୟାକ୍‌ପେଜ୍‌ରେ ଟି' କପ୍ ଗାର୍ଡେନ ବେଶ୍ ଆକର୍ଷଣୀୟ ଲାଗୁଥିଲା। କାର୍ଟୁନ୍ କର୍ନର ବି ମଜାଦାର ଥିଲା।

  *–ରାନୀ ସାବତ, ଗୋପ, ପୁରୀ*

- ପ୍ରଚ୍ଛଦ ପ୍ରସଙ୍ଗ ବେଶ୍ ମନଛୁଆଁ ହୋଇଥିଲା। ସିନେମା ପୃଷ୍ଠାର ଭିକି କୌଶଲଙ୍କ ସ୍ପେଶାଲ ବର୍ଥଡେ' ସେଲିବ୍ରେସନ୍, ଅନୁଷ୍କାଙ୍କ ୨୦ କି.ଗ୍ରା. ଓଜନ ବଢାଇବା ପ୍ରସଙ୍ଗ ବହୁତ ଭଲ ଲାଗିଲା। ହାଃ ହାଃ ବେଶ୍ ମଜାଦାର ଥିଲା। କାର୍ଟୁନ କର୍ନର ବି ମୋର ଭାରି ପ୍ରିୟ।

  *– ରାକେଶ ପାଢୀ, ବେତନଟୀ, ମୟୂରଭଞ୍ଜ*

- ସୃଜନର ଗପ କବିତା ହୃଦୟସ୍ପର୍ଶୀ ହୋଇପାରୁଛି। ପ୍ରଚ୍ଛଦ ପ୍ରସଙ୍ଗ ବି ଭଲ ଲାଗିଲା। ରେନ୍‌ମ୍ୟାନ୍ ବିଷୟଟି ବେଶ୍ ଆଶ୍ଚର୍ଯ୍ୟଜନକ ଥିଲା। କାର୍ଟୁନ କର୍ନର ଓ ହାଃ ହାଃ ମୋର ବହୁତ ପ୍ରିୟ।

  *–କରିସ୍ମା ମହାନ୍ତି, ବିଜିପୁର, ଗଞ୍ଜାମ*

- ଛୁଟିଦିନକୁ ଆମ ପରିବାରର ସମସ୍ତେ ଅପେକ୍ଷା କରିଥାଉ। ଏହାର ସବୁ ପୃଷ୍ଠା ଓ ପ୍ରସଙ୍ଗ ବହୁତ ଭଲ ଲାଗେ। ଏଥିରର ପ୍ରଚ୍ଛଦ ପ୍ରସଙ୍ଗ ମନଛୁଆଁ ଥିଲା। ଅନ୍ୟ ସବୁ ପୃଷ୍ଠା ବି ବହୁତ ଭଲ ଲାଗିଲା।

  *–ରଞ୍ଜନ ପତି, ନରସିଂହପୁର*

- ଚିନ୍ମୟ ଚିନ୍ତନ, ବ୍ୟାକ୍‌ପେଜ୍, କାର୍ଟୁନ କର୍ନର ମୋର ଭାରି ପ୍ରିୟ। ସିନେମା ପୃଷ୍ଠାରେ ସେଲିବ୍ରିଟି ଗସିପ୍ ପଢିବାକୁ ମତେ ଭଲ ଲାଗେ। ଏଥର ପ୍ରଚ୍ଛଦ ପ୍ରସଙ୍ଗର ବିଷୟଟି ଉଚ୍ଚକୋଟୀର ଥିଲା।

  *–କରୁଣାକର ପାଢୀ, ଆସିକା, ଗଞ୍ଜାମ*


## ବିଶେଷ ଚିଠି



**ପା**ଇବା ଅପେକ୍ଷା
ଦେବାରେ ଆନନ୍ଦ ଥାଏ,
ମନୁଷ୍ୟ ହେଉ କି ପଶୁ ପକ୍ଷୀ।
ସଦା ସେବାରେ ଆନନ୍ଦ ଥାଏ,
ଆଉ ଏହି ସେବା
ଭଗବାନଙ୍କ ସେବାଠୁ ବି ବଳି ସେବା ।
ନିଜ ପାଇଁ ନ ହେଲା ନାହିଁ
ଅନ୍ୟ ପାଇଁ ବଞ୍ଚିବା, ଏଇ ତ ଜୀବନ ;
'ଛୁଟିଦିନ'ର 'ଟିକିଏ ଖୁସି ପାଇଁ'
ଅତ୍ୟନ୍ତ ଆକର୍ଷଣ ।

–ଗୋବିନ୍ଦ ଚନ୍ଦ୍ର ହାଁସଦା
ବଡ଼ନାଲୁଆ, ବିଶୋଇ, ମୟୂରଭଞ୍ଜ

ଧରିତ୍ରୀ ଛୁଟିଦିନ
ସମ୍ପାଦକ: ତଥାଗତ ସତପଥୀ
Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Rasulgarh Industrial Estate, Bhubaneswar-10, Ph.:2549302, Fax : 2549795



# ଶସ୍ୟର ଶତ୍ରୁ

ମାର୍ଗାରେଟ୍ ମୁଣ୍ଡ ଉଠେଇ ପାହାଡ଼ ଆଡ଼କୁ ଅନେଇଲା। ପାହାଡ଼ର ଉପରିଭାଗ ଅନ୍ଧକାରରେ ଛାଇ ଯାଇଥିଲା। ଏକ ଲମ୍ବା, ବିଶାଳ ଆକୃତିର ମେଘଖଣ୍ଡ ପାହାଡ଼ ଉପରେ ଭାସି ବୁଲୁଥିଲା। କଳଙ୍କିଲଗା ଇସ୍ପାତ ଭଳି ଦିଶୁଥିଲା ପାହାଡ଼ ଉପରେ ଭାସୁଥିବା ମେଘର ରଙ୍ଗ। ଧୀରେ ଧୀରେ ମେଘର ଆକାର ବଢ଼ିଲା। ଆଉ କ୍ଷୀପ୍ର ଗତିରେ ତା’ ଆଡ଼କୁ ମାଡ଼ି ଆସିଲା। କ୍ଷେତରେ କାମ କରୁଥିବା ଲୋକମାନେ ଭୟରେ ଚିତ୍କାର କରିବାକୁ ଲାଗିଲେ : ହେଇ ଦେଖ, ସେମାନେ ଆସିଗଲେ। ପଙ୍ଗପାଳ ଦଳ ଆସିଗଲେ।


ଏହା ହେଉଛି ‘ଏ ମାଇଲ୍ଡ ଆଟାକ୍ ଅଫ୍ ଲୋକଷ୍ଟ’ ଗପର କିଛିଅଂଶର ମର୍ମାନୁବାଦ। ୧୯୫୫ରେ ରଚିତ ଏହି ଗଳ୍ପର ଗାଳ୍ପିକା ବ୍ରିଟିଶ୍-ଜିମ୍ବାୱେ ଲେଖିକା ଡୋରିସ୍ ଲେସିଂ। ପଙ୍ଗପାଳ ଆକ୍ରମଣ କେତେ ଭୟାନକ ତାହା ଏହି ଗପର ବିଷୟବସ୍ତୁ। ତେବେ ପଙ୍ଗପାଳମାନେ ଯେ କେବଳ ଗଳ୍ପର ବିଷୟବସ୍ତୁ ସେକଥା ଭାବିନେବା ଉଚିତ ନୁହେଁ। ପଙ୍ଗପାଳ କୀଟଟି ବାସ୍ତବରେ କେତେ ଭୟଙ୍କର ତାହାର ନଜୀର ରହିଛି ଇତିହାସରେ, ସାହିତ୍ୟରେ ପୁଣି ଲୋକମାନଙ୍କ ଅନୁଭବ ଆଉ ଅନୁଭୂତିରେ।

**୧୯୧୫ ପଙ୍ଗପାଳ ବିପର୍ଯ୍ୟୟ :** ବିଶ୍ୱ ଇତିହାସ ଏହାକୁ ଅତି ସାଂଘାତିକ ପଙ୍ଗପାଳ ବିପର୍ଯ୍ୟୟ ଭାବରେ ନାମିତ କରିଛି। ୧୯୧୫ ମସିହା ମାର୍ଚ୍ଚରୁ ଅକ୍ଟୋବର ମାସ ଯାଏ ପଙ୍ଗପାଳ ଦଳ ଅତି ନିର୍ଦ୍ଦୟ ଭାବରେ ପାଲେଷ୍ଟାଇନ୍, ଲେବାନନ ତଥା ସିରିଆ ଆଦି ଅଞ୍ଚଳର ଶସ୍ୟ କ୍ଷେତ୍ରରେ ଆକ୍ରମଣ କରି ଏହିସବୁ ଅଞ୍ଚଳକୁ ମହାବିପର୍ଯ୍ୟୟ ଆଡ଼କୁ ଟାଣି ନେଇଥିଲେ। ଐତିହାସିକ ଜାଟାରୀ ଜେ. ଫଷ୍ଟରଙ୍କ ଆକଳନରୁ ଜଣାଯାଏ ଯେ, ପଙ୍ଗପାଳ ଆକ୍ରମଣରେ ଶହଶହ ଏକର ଜମିରୁ ଫସଲ ଉଜୁଡ଼ି ଯାଇଥିଲା। ଦରଦାମ ଆକାଶଛୁଆଁ ହୋଇଯାଇଥିଲା। ଏହାପରେ ସେଠାରେ ପଡ଼ିଥିଲା ଅକାଳ ମରୁଡ଼ି, ଯାହାକୁ ଐତିହାସିକମାନେ ‘Great Famine of Mount Lebanon’ ବୋଲି କହିଥାନ୍ତି। ଏଥିରେ ବହୁମାତ୍ରାରେ ଜୀବନହାନି ଘଟିଥିଲା।

**୧୮୭୦ ଦଶକର ବିପର୍ଯ୍ୟୟ :** ପଙ୍ଗପାଳ ବିପର୍ଯ୍ୟୟ ଇତିହାସର ଏହା ଆଉ ଏକ ଭୟଙ୍କର ନମୁନା। ଏହାକୁ ‘ରକି ମାଉଣ୍ଟେନ୍ ପଙ୍ଗପାଳ ବିପର୍ଯ୍ୟୟ’ ବୋଲି ମଧ୍ୟ କୁହାଯାଇଥାଏ। ୧୮୭୩ରୁ ୧୮୭୭ ମଧ୍ୟରେ କଲରାଡ଼ୋ, ନେବ୍ରାସ୍କା ତଥା ଅନ୍ୟ କେତେକ ଅଞ୍ଚଳରେ ଯେଉଁ ପଙ୍ଗପାଳ ଦଳ ଆକ୍ରମଣ କରିଥିଲା ତାହା ଥିଲା ଏକ ବିରଳ ପ୍ରଜାତି। କୀଟ ବିଶେଷଜ୍ଞଙ୍କ ଭାଷାରେ ଏହି ପ୍ରଜାତିର ନାମ Melanophus spretus। ଜୁଲାଇ ଶେଷାର୍ଦ୍ଧରେ ଏମାନେ କଲରାଡ଼ୋ, ନେବ୍ରାସ୍କା ଆଦିର ପ୍ରାୟ ୧ ଲକ୍ଷ ୯୮ ହଜାର ବର୍ଗ ମାଇଲ୍ ଅଞ୍ଚଳରେ ଆକ୍ରମଣ କରି ତାହାକୁ ଧ୍ୱସ୍ତବିଧ୍ୱସ୍ତ କରିଦେଇଥିଲେ। ଆକଳନ ଅନୁଯାୟୀ ୨୦୦ ନିୟୁତ ଡଲାରରୁ ବହୁ ଅଧିକ ପରିମାଣର ଶସ୍ୟହାନି ଘଟିଥିଲା। ଯେଉଁଆଡ଼େ ଅନେଇଲେ ବି ସବୁଜ ପତ୍ରଟିଏ ଦେଖିବାକୁ ମିଳି ନ ଥିଲା। ରକି ମାଉଣ୍ଟେନ୍ ପର୍ବତଶ୍ରେଣୀ ଅପର ପାର୍ଶ୍ୱରୁ ଯେଉଁ ପଙ୍ଗପାଳ ଦଳଟି ଉଡ଼ି ଆସିଥିଲା ସେଥିରେ ଅତି କମ୍‌ରେ ୧୨.୫ ଟ୍ରିଲିଅନ୍ କୀଟ ରହିଥିଲେ, ଆଉ ଏହି ଦଳଟିର ଓଜନ ୨୭.୫ ମିଲିଅନ୍ ଟନ୍ ହୋଇପାରେ ବୋଲି ଆକଳନ କରାଯାଇଥିଲା। ତେବେ ସବୁଠୁ କୌତୂହଳର ବିଷୟ ଏହି ବିପର୍ଯ୍ୟୟ ଘଟେଇବା ପରେ ଉକ୍ତ ବିରଳ ପଙ୍ଗପାଳ ପ୍ରଜାତିଟି ସମ୍ଭବତଃ ଧ୍ୱଂସ ହୋଇଯାଇଥିଲା। କାରଣ ଏ ପର୍ଯ୍ୟନ୍ତ ସେମାନଙ୍କୁ ଆଉଥରେ ଦେଖିବାକୁ ମିଳିନାହିଁ। ଏହି ବିରଳ ପଙ୍ଗପାଳଙ୍କ ଧ୍ୱଂସ ଏବେ ମଧ୍ୟ ଏକ ରହସ୍ୟ ହୋଇ ରହିଛି।

**ପୋଥି ପୁରାଣରେ ପଙ୍ଗପାଳ :** ପଙ୍ଗପାଳ ଆଜି କିମ୍ବା କାଲିର ଏକ ଶବ୍ଦ ନୁହେଁ। ମହାଭାରତ, କୋରାନ୍, ବାଇବେଲ, ଇଲିଆଡ୍ ଆଦି ଗ୍ରନ୍ଥରେ ମଧ୍ୟ ପଙ୍ଗପାଳର ବର୍ଣ୍ଣନା ରହିଥିବା ଦେଖିବାକୁ ମିଳେ। ମହାଭାରତରେ କର୍ଣ୍ଣ ଏହି ପଙ୍ଗପାଳ ବିଷୟ ସୂଚନା ଦେଇଛନ୍ତି ଆଉ କହିଛନ୍ତି ଯେ, ମୁଁ ମୋର ଅସ୍ତ୍ରରେ ଅର୍ଜୁନକୁ ଏପରି ଭାବରେ ଛାଇଦେବି ଯେପରି ପଙ୍ଗପାଳ ଦଳ ଗୋଟିଏ ଶସ୍ୟକ୍ଷେତ୍ରକୁ ଛାଇ ଦେଇଥାଏ। ବାଇବେଲ୍‌ର ‘ବୁକ୍ ଅଫ୍ ଏକ୍ସୋଡସ୍’ରେ ବର୍ଣ୍ଣନା ଅଛି ଯେ, ଖ୍ରୀ.ପୂ. ୧୪୪୬ରେ ଇଜିପ୍ଟରେ ପଙ୍ଗପାଳମାନେ ଆକ୍ରମଣ କରି ଇଜିପ୍ଟ ନଗରୀର ଅର୍ଥନୈତିକ ମେରୁଦଣ୍ଡକୁ ଦୋହଲାଇ ଦେଇଥିଲେ। ପ୍ରାଚୀନ ଇଜିପ୍ଟୀୟ ଖନନରୁ ବିଭିନ୍ନ ସ୍ଥାନରେ ପଙ୍ଗପାଳ ଚିତ୍ର ଖୋଦେଇ ହୋଇଥିବା ଜାଣିବାକୁ ମିଳେ। ଖ୍ରୀ.ପୂ. ୨୦୩ରେ ଭୟାନକ ଲୋକଷ୍ଟ ପ୍ଲେଗ୍ ଘଟିବା ପରେ ଆରିଷ୍ଟଟଲ୍ ଏହି ପଙ୍ଗପାଳଙ୍କ ଉପରେ ଗବେଷଣା କାର୍ଯ୍ୟ ଆରମ୍ଭ କରିଥିଲେ।

**୨୭ବର୍ଷ ପରେ :** ୨୭ବର୍ଷ ପରେ ଭାରତକୁ ପୁଣିଥରେ ପଙ୍ଗପାଳମାନେ ଆସୁଛନ୍ତି। ଶେଷଥର ପାଇଁ ୧୯୯୩ ମସିହାରେ ଭାରତରେ ବଡ଼ ଧରଣର ପଙ୍ଗପାଳ ଆକ୍ରମଣ ହୋଇଥିଲା। ତା’ ପୂର୍ବରୁ ୧୯୬୨ ଏବଂ ୧୯୭୮ ମସିହାରେ ମଧ୍ୟ ପଙ୍ଗପାଳ ଦଳ ଭାରତ ଭୁଖଣ୍ଡରେ ହାହାକାର ସୃଷ୍ଟି କରିଥିଲେ। ଗବେଷକଙ୍କ ମତରେ ୧୯୭୮ ଏବଂ ୧୯୯୩ର ପଙ୍ଗପାଳ ବିପର୍ଯ୍ୟୟ ଅତି ବଡ଼ ଧରଣର ଥିଲା। ଆକାର ଦୃଷ୍ଟିରୁ ବିଚାରକଲେ ପଙ୍ଗପାଳ ଏକ କ୍ଷୁଦ୍ରକୀଟ। ମାତ୍ର ଏହି କ୍ଷୁଦ୍ରକୀଟର ସାମୂହିକ ଆକ୍ରମଣ ମଣିଷ ଜାତି ପାଇଁ ଯେ କେତେ ଭୟଙ୍କର ତାହା ସହଜରେ ଅନୁମେୟ। ତେଣୁ ହାଣ୍ଡିଶାଳର ଏହି କୁନି ଶତ୍ରୁଟିକୁ ସବୁଦିଗରୁ ସାବଧାନ।



## ମନକଥା

–ସିଦ୍ଧେଶ୍ୱର ତ୍ରିପାଠୀ

ଗୋଟେ ଅନ୍ଧାରିଆ ରାସ୍ତା
ନା ଏଠାକୁ କିଏ ଆସେ
ନା ଆସିବାକୁ ଚେଷ୍ଟା କରେ
କାହିଁବା ଆସିବ
କିଛି ତ ସ୍ୱାର୍ଥ ହାସଲ ହେବନି ଏଠାରୁ
ସବୁ ଅବୁଝାପଣ
ଏଇଠାରେ ଖୁନ୍ଦା
କିଏ ଅବା କାହିଁକି ବୁଝିବ
ସେ ସେଇଠି ସେମିତି ଥିବ
ଚିରଦିନ ପାଇଁ ।

–ଖୋର୍ଦ୍ଧା

## ଅଭାବବୋଧ

– ପୁସ୍ତମ୍ ଝୁଆଡି

ଏବେ ଏବେ ବର୍ଷା ହେଲା
ବିଜୁଳି ବି
ହେଲେ ତମ ଅଭାବବୋଧ
ସବୁଯାକ ପାଣିରେ ମିଳେଇ ଗଲା ।

– ଭୁତିବାହାଲ, ଗାଇସିଲାଟ, ବରଗଡ଼



## ଶୂନ୍ୟତା

–କାର୍ତ୍ତିକେଶ୍ୱର ସାହୁ

ଶୂନ୍ୟତାର ସାମ୍ରାଜ୍ୟ ଦେଇ
ନିର୍ଦ୍ଦୟ ସମୟଟା ବାଟ ଚାଲୁଥିଲା ।
ତୁମେ ଥିଲ ଅପହଞ୍ଚ,
ମୁଁ ଥିଲି ନିଖୋଜ ।
ମଝିରେ ଥିଲା ଲହୁ ଲୁହର ହାହାକାର
ଆମ ଠିକଣା ଖୋଜି ଖୋଜି
ଫେରାର୍ ହେଲା ବାଉଳା ପବନ ।
ସେବେଠୁ ଏ ପୃଥିବୀଟା
ଖାଲି ଶୂନ୍ୟ ଆଉ ମହାଶୂନ୍ୟ ।

–ଚଣ୍ଡିଆପଲା,ଖୋର୍ଦ୍ଧା

## ଲୁହ

– ବିପ୍ଳବ

ଏଇ ଆଖି ତଳେ
ଲୁଚେଇ ରଖିଛି
ଲୁହର ଉଜାଣି ସୁଅ
ମୁଁ କାନ୍ଦୁଥିଲେ
ତମେ ସହ କାନ୍ଦୁଥିଲ
ସେ ପାଇଁ ଲୁଚାଏ ଲୁହ ।

–ମକୁନ୍ଦ ପୁର, ବାଙ୍କୀ

# ବାପାଙ୍କ ଚପଲ

–ଗୀତାଞ୍ଜଳି ମହାରଣା

ଆଜି ସକାଳେ ବାପା ବଜାରକୁ ଚପଲ ପିନ୍ଧି ବାହାରିଲା ବେଳକୁ ଚପଲଟା ଛିଣ୍ଡିଗଲା । ଛିଣ୍ଡିବନି ବା କେମିତି ଯେ ?କେତେଦିନ ସିଏ ବାପାଙ୍କ ଅବିଶ୍ରାମ ପାଦର ସାଥି ହୋଇ ରହିଥିବ ? ରକ୍ତ ମାଂସ ଶରୀରଧାରୀ ବାପା ତ ଥକିନାହାନ୍ତି,ଏ ନିର୍ଜୀବ ଚପଲଟା କେମିତି ଥକିଗଲା କେଜାଣି ? କେତେ ଅଗମ୍ୟ ଦୁର୍ଗମ ଜାଗା ସେ ବାପାଙ୍କ ସହ ନ ବୁଲିଛି, ଘରକୁ ଫେରିଲା ବେଳକୁ ଧୂଳି ମଇଳାର ଚାଦର ଘୋଡେଇ କଣ୍ଟାରେ କ୍ଷତାକ୍ତ ହୋଇ ନିସ୍ତେଜ ହୋଇପଡିଯିବ ଆସି ବାରଣ୍ଡା ତଳେ । ବାପା କିନ୍ତୁ ସୂର୍ଯ୍ୟର ଦ୍ୟୁତି ପରି ସେମିତି ତେଜୀୟାନ,ଫୁଲ ପରି ସତେଜ...ମଳିନ ବା ଥକାପଣର ଧାସ ଟିକିଏ ବି ନ ଥିବ । କୌଣସି କାମକୁ ପୂରା ନ କରିବା ଯାଏ ଆଖିରେ ନିଦ ନ ଥିବ । ସବୁ ବାପାମାନେ କ'ଣ ଏମିତି ? ବୋଉ ବେଳେବେଳେ ବିରକ୍ତ ହୁଏ,ଦେହକୁ ଟିକେ ବିଶ୍ରାମ ଦିଅ ! !ବୟସ ହେଲାଣି ପରା ...ବାପା ତାଙ୍କ ପାନଖିଆ ପାଟିରେ ହସିଦିଅନ୍ତି । ବୋଉକୁ ଚିଡେଇ କହନ୍ତି ଆରେ କାମକରୁଛି ବୋଲି ସିନା ଏ ବୟସରେ ବି ସ୍ମାର୍ଟ ଅଛି ...

ଚପଲକୁ କେତେକ'ଣ ଗାଳିକରି ବାପା ବୋଉକୁ କହିଲେ, ଏଇଟା ସିଲେଇ କରିଦିଅ ଆଉ କିଛିଦିନ ଚଳିଯିବ...କିଛି ହୋଇନି ଫିତାଟା ଖାଲି ଛିଣ୍ଡି ଯାଇଛି । ବାପା ସବୁବେଳେ ଏମିତି । ନିଜ ଜିନିଷ ଖରାପ ହେଲେ ଚଳେଇ ନେବେ ହେଲେ ଝିଅର ଖରାପ ହେବା ପୂର୍ବରୁ ନୂଆ କିଣା ହୋଇସାରିଥିବ । ମିଛ ରାଗରେ ମୁହଁ ଫୁଲେଇ ବୋଉ କହିଲା, ହଁ ଦିଅ ସିଲେଇ କରିଦିଏ ଆଉ ବର୍ଷେ ଚଳିଯିବ...ବୋଉ ଚପଲ ସିଲେଇ କରିଦେଲା । ବାପା ମହାଆନନ୍ଦରେ ପିନ୍ଧି ବଜାର ଚାଲିଗଲେ । ଛିଣ୍ଡାଚପଲ ବୋଲି ନା ଥିଲା ମନରେ ସଙ୍କୋଚଭାବ ନା ଥିଲା ନୈରାଶ୍ୟ...

ସକାଳୁ ସକାଳୁ ପୁଣି ସେଇ ଚପଲ ଶବ୍ଦଶୁଣି ମୋ ନିଦ ଭାଙ୍ଗିଗଲା । ପୁଣି କ'ଣ ହେଲା ? ଆଉଥରେ ଚପଲ ଛିଣ୍ଡିଗଲା ନା କ'ଣ ? ବାହାରକୁ ଆସିଦେଖିଲା ବେଳକୁ ବାପା ଚପଲ ଖୋଜି ଖୋଜି ପାଉନାହାନ୍ତି ବୋଲି ଜାଣିବାକୁ ପାଇଲି । ବୋଉ କହିଲା ସେଇଠି ପରା କଳା ରଙ୍ଗର ସେ ପାରାଗନ ଚପଲଟା ଥୁଆହୋଇଛି, ପିନ୍ଧିକି ଯାଉନ ..ପାଟି କାହିଁ କରୁଛ ?

ଆରେ ମୁଁ ମୋ ଚପଲ ଖୋଜୁଛି..ମୁଁ କାଇଁ କାହା ଚପଲ ପିନ୍ଧିବି ?ମୋ ଚପଲ କୁଆଡେ ଗଲା ? ଆଜିଠାରୁ ଏଇଟା ହିଁ ତମ ଚପଲ,ସେ ଚପଲ ଝିଅ ଫୋପାଡିଦେଇଛି । କାଲି ତମ ଚପଲ ଛିଣ୍ଡିବା କଥା ଶୁଣି କଲେଜରୁ ଫେରିବାବେଳକୁ ଏଇଟା ତୁମପାଇଁ କିଣି ଆଣିଛି । ଆରେ ସେଇଟା ଆଉ କିଛିଦିନ ଚାଲିଯାଇଥାନ୍ତା...ତା' ପାଖରେ ଟଙ୍କା କୋଉଁଠୁ ଆସିଲା ଯେ ସେ ଚପଲ ଆଣିଲା...ତା' ଛଡା ଏତେ ଦାମୀ ଚପଲ ଆଣିବା କ'ଣ ଦରକାର ଥିଲା...

ଦୁଆରମୁହଁରେ ଠିଆ ହୋଇ ମୁଁ ଲକ୍ଷ୍ୟ କରୁଥାଏ ଚପଲ ପିନ୍ଧିବା ବେଳେ ବାପାଙ୍କ ଓଠଧାରେ ଚେନାଏଁ ହସ ଲହରି ଭାଙ୍ଗୁଥାଏ ...ଆତ୍ମତୃପ୍ତିରେ ମନ ପୂରିଉଠୁଥାଏ....ଆଖିରେ ଖୁସିର ଝଲକ ସ୍ୱଷ୍ଟ ବାରିହୋଇ ପଡୁଥାଏ...ଛାତି ଗର୍ବରେ କୁଣ୍ଢେମୋଟ ହୋଇଯାଉଥାଏ...ନିଜ ଝିଅ କିଣିଥିବା ଚପଲ ପିନ୍ଧି ଛାତିଫୁଲେଇ ବଜାର ଗଲାବେଳେ ମୋ ବାପା କୌଣସି ରାଜାମହାରାଜା ବା ସୁପରହିରୋଠୁ କମ୍ ନ ଥିଲେ...,ତାଙ୍କ ଖୁସି ଦେଖି ଅଜାଣତେ ମୋ ଆଖିରୁ ଲୁହସବୁ ବନ୍ଧଭାଙ୍ଗି ବାହାରକୁ ଚାଲିଆସିଲେ.....

– ଗୁଣ୍ଡିଚା ବିହାର , ପୁରୀ



# ସେହି ୧୮ ମାସ



ସୋନୁ ସୁଦ୍

ବର୍ତ୍ତମାନ ଲକ୍‌ଡାଉନ ସମୟରେ ପ୍ରବାସୀ ଶ୍ରମିକଙ୍କୁ ସାହାଯ୍ୟ କରି ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଛନ୍ତି ଆକ୍ଟର-କମ୍-ପ୍ରଡ୍ୟୁସର ସୋନୁ ସୁଦ୍। ଏହି ଶ୍ରମିକମାନେ କିପରି ନିଜ ନିଜ ଜନ୍ମସ୍ଥାନକୁ ଫେରିଯିବେ ସେ ନେଇ ନିଜେ ଖାଦ୍ୟପେୟଠାରୁ ଆରମ୍ଭ କରି ସବୁ କଥା ନିଜେ ହିଁ ବୁଝୁଛନ୍ତି। ସେଥିପାଇଁ ତାଙ୍କୁ ବେଶ୍ ପ୍ରଶଂସା ମିଳିଛି। କେବଳ ସେତିକି ନୁହେଁ, ଏକ ସଦ୍ୟ ସର୍ଭେରୁ ଜଣାପଡିଛି ଲୋକପ୍ରିୟତାରେ ସଲମାନଙ୍କୁ ପଛରେ ପକାଇ ଦେଇଛନ୍ତି ସୋନୁ। ଏପରି କି କେତେକ ତାଙ୍କୁ ରାଷ୍ଟ୍ରୀୟ ସମ୍ମାନରେ ସମ୍ମାନିତ କରାଯାଉ ବୋଲି ମତ ରଖିଛନ୍ତି। ୧୯୯୯ରେ ତାମିଲ ସିନେମାରୁ ନିଜ କ୍ୟାରିୟର ଆରମ୍ଭ କରିଥିବା ସୋନୁ ଯେତେବେଳେ ବମ୍ବେ ଆସିଲେ ସେତେବେଳେ ସେ ୱାନ୍ ବିଏଚକେ ଘରେ ଭଡା ରହୁଥିଲେ। ପ୍ରଥମ ୧୮ ମାସ ତାଙ୍କୁ ଯେଉଁ ପରିଶ୍ରମ କରିବାକୁ ପଡିଥିଲା ତାକୁ ଏବେ ମନେ ପକାନ୍ତି ସୋନୁ। ସେ ମାତ୍ର ୨୩ ବର୍ଷ ବୟସରେ ସୋନାଲି ସୁଦ୍‌ଙ୍କୁ ବିବାହ କରିଥିଲେ। ୨୦୦୨ରେ 'ଶହୀଦ-ଇ-ଆଜାମ୍'ରୁ ସୋନୁଙ୍କ ବଲିଉଡ୍ କ୍ୟାରିୟର ଆରମ୍ଭ ହୋଇଥିଲା। ତା'ପରେ ସେ ବେଶ୍ କେତୋଟି ହିଟ୍ ସିନେମାରେ ଅଭିନୟ କରିବା ସହ ହୋମ୍ ବ୍ୟାନର 'ଶକ୍ତି ସାଗର ପ୍ରଡକ୍ସନସ' ବ୍ୟାନରରେ କେତୋଟି ସିନେମାର ନିର୍ମାଣ କରିସାରିଛନ୍ତି। ସେ କେବଳ ହିନ୍ଦୀ ନୁହେଁ, ତାମିଲ, ତେଲୁଗୁ, କନ୍ନଡ, ପଞ୍ଜାବୀ ଏପରି କି ଚାଇନିଜ୍ ସିନେମାରେ ଅଭିନୟ କରିଛନ୍ତି।



ତାପସୀ

## କାନ୍ଦିଲେ ତାପସୀ

ବେଳେବେଳେ ସିକ୍ୱେନ୍ସ ସହ କଳାକାର ନିଜକୁ ଏପରି ଜଡିତ କରିଦିଅନ୍ତି ଯେ ଶଟ୍ ଦେବା ସମୟରେ ହେଉ ଅବା ପରେ ଇମୋଶନାଲ ହୋଇପଡନ୍ତି। ଏପରି ଏକ ଘଟଣାକୁ ମନେପକାଇ ତାହାକୁ ନିଜ ସୋସିଆଲ ମିଡିଆରେ ଶେୟାର କରିଛନ୍ତି ତାପସୀ ପାନ୍ନୁ। 'ପିଙ୍କ୍' ସିନେମାର ଶୁଟିଂ ବେଳର କଥା। ଏକ କୋର୍ଟ ସିନ୍ ପାଇଁ ଶଟ୍ ନିଆଯାଉଥାଏ। କାଠଗଡାରେ ଠିଆ ହୋଇଥାଆନ୍ତି ତାପସୀ, ଯିଏ କି ଜଣେ ଧର୍ଷିତା ଭୂମିକାରେ ଅଭିନୟ କରୁଥାଆନ୍ତି। ତାଙ୍କ ସାମ୍ନାରେ ଥାଆନ୍ତି ଓକିଲ ଭୂମିକାରେ ଅଭିନୟ କରୁଥିବା ଅମିତାଭ ବଚ୍ଚନ। ସିକ୍ୱେନ୍ସ ଅନୁସାରେ ପ୍ରଶ୍ନ ପରେ ପ୍ରଶ୍ନ ପଚାରି ଚାଲିଥାଆନ୍ତି ଅମିତାଭ। ଆଉ ସେପଟେ ବେଶ୍ ସୁନ୍ଦର ଭାବରେ ସେଗୁଡିକର ଉତ୍ତର ରଖୁଥାଆନ୍ତି ତାପସୀ। କିନ୍ତୁ ପ୍ରଶ୍ନର ସମୟସୀମା ବଢ଼ିବା ସହ ସେ ଏଥିରେ ଭାବବିହ୍ୱଳ ହୋଇଉଠିଥିଲେ। ଶୁଟିଂ ଶେଷ ବେଳକୁ ଯେତେବେଳେ ନିର୍ଦ୍ଦେଶକ 'କଟ୍' କହିଲେ ସେତବେଳକୁ ତାପସୀ ଆଉ ନିଜ କୋହକୁ ସମ୍ବରଣ କରିପାରି ନ ଥିଲେ। କଇଁ କଇଁ ହୋଇ କାନ୍ଦି ପକାଇଥିଲେ। ଆଉ ତାଙ୍କର ଏପରି ଅଭିନୟକୁ ଦେଖି ଖୋଦ୍ ଅମିତାଭ ତାଙ୍କ ନିକଟକୁ ଆସି ପ୍ରଶଂସା କରିଥିଲେ।

## ସାରାଙ୍କ ସ୍ଲିମ୍ ଟ୍ରିମ୍ ମିଶନ

ଗତ ଦୁଇ ମାସ ଧରି ସମଗ୍ର ଭାରତରେ ଲକ୍‌ଡାଉନ ଚାଲିଛି। ଏହି ସମୟରେ ସାରା ଅଲ୍ଲୀ ଖାଁ ଗୋଟିଏ କାମରେ ମନୋନିବେଶ କରିଛନ୍ତି। ତାହା କ'ଣ ଜାଣନ୍ତି ? ସ୍ଲିମ୍ ଟ୍ରିମ୍ ମିଶନ। ଅର୍ଥାତ୍, ଏହି ଦିନଗୁଡିକରେ ସେ ନିଜ ଓଜନ କମାଇବାକୁ ଲାଗି ପଡ଼ିଛନ୍ତି। ଏ ବିଷୟରେ ସାରା କହନ୍ତି, 'ଏବେ ତ କିଛି କାମ ନାହିଁ। ଘରେ ହିଁ ରହିବାକୁ ପଡୁଛି। ତେଣୁ ସମୟର ସଦୁପଯୋଗ କରି ମୁଁ ନିଜ ଓଜନ କମାଇବାରେ ଲାଗି ପଡ଼ିଛି। କାରଣ ନିଜକୁ ଫିଟ୍ ରଖିବାକୁ ହେଲେ ବାଲାନ୍ସଡ ୱେଟ୍ ମେଣ୍ଟେନ୍ କରିବାକୁ ପଡ଼ିବ। ତେଣୁ ଖାଦ୍ୟପେୟ ପ୍ରତି ଅଧିକ ଧ୍ୟାନ ଦେଉଛି। ତା'ସହ ସକାଳୁ ପାଖାପାଖି ଦୁଇ ଘଣ୍ଟା ଏକ୍ସରସାଇଜ କରୁଛି।।'



ସାରା

## ପୁଣି ଅର୍ଜୁନ-ରଣବୀର ଯୋଡ଼ି

ଅର୍ଜୁନ କପୁରଙ୍କ ଏକ ଆଶା ପୂରଣ ହୋଇଛି। 'ମେଁ ଖିଲାଡି ତୁ ଅନାଡି'ର ରିମେକ୍ ଫିଲ୍ମରେ ଏହି ଦୁଇ ଅଭିନେତାଙ୍କୁ ଦେଖିବାକୁ ମିଳିବ। ଜଣେ ତ ହେଲେ ଅର୍ଜୁନ ଆଉ ଜଣେ କିଏ ଜାଣନ୍ତି ? ରଣବୀର ସିଂ। ବର୍ତ୍ତମାନ ବଲିଉଡ୍‌ରେ ରଣବୀର ଅନ୍ୟତମ ବ୍ୟସ୍ତ ଅଭିନେତା। କେବଳ ସେତିକି ନୁହେଁ 'ହୀରାଫେରି'ର ରିମେକ୍‌ରେ ମଧ୍ୟ ରଣବୀର ସିଂ, ପରେଶ ରାୱଲଙ୍କ ବ୍ୟତୀତ ଅର୍ଜୁନଙ୍କୁ ଦେଖିବାକୁ ମିଳିବ। ଏ ସମ୍ପର୍କରେ ସେ କହନ୍ତି, ''ରଣବୀରଙ୍କ ସହ ଏକାଠି ଆକ୍ଟିଂ କରିବାକୁ ଅନେକ ଦିନ ଧରି ଚାହିଁ ବସିଥିଲି। ଏବେ ତାଙ୍କ ସହ ଦୁଇଟି ସିନେମାରେ ଅଭିନୟ କରିବି। ରଣବୀର ଜଣେ ଏପରି ଅଭିନେତା ଯାହାଙ୍କଠାରେ ଆକ୍ଟିଂ ଦକ୍ଷତା ରହିଛି। ଭୂମିକାଟି ଯେପରି ହେଉ ନା କାହିଁକି ତାହାକୁ ତୁଲାଇବାରେ ସେ ବେଶ୍ ପାରଙ୍ଗମ।''

## ଆକ୍ସନ ଅବତାର




ସୋନାକ୍ଷୀ

ଦବଙ୍ଗ ଗର୍ଲ ସୋନାକ୍ଷୀ ଖୁବ୍‌ଶୀଘ୍ର ଆକ୍ସନ ଅବତାରରେ ଦର୍ଶକଙ୍କ ସାମନାକୁ ଆସିବେ। ଏବେ ତ ଲକ୍‌ଡାଉନ୍ ଚାଲିଛି। ଶୁଟିଂ ବନ୍ଦ। ହେଲେ ନିକଟରେ ଏକ ଅନ୍‌ଟାଇଟଲ୍‌ଡ ଫିଲ୍ମରେ ଅଭିନୟ କରିବାକୁ ତାଙ୍କୁ ଅଫର ମିଳିଛି। ଯେଉଁଥିରେ ରହିଛି ତାଙ୍କ ମନଲାଖି ଭୂମିକା। ଏ ନେଇ ସୋନାକ୍ଷୀ କହନ୍ତି, 'ନିକଟରେ ମୋତେ ଏପରି ଏକ ଅଫର ମିଳିଛି, ଯେଉଁଥିରେ ମୋର କେତୋଟି ଆକ୍ସନ ଶଟ୍ ରହିଛି। ତେଣୁ ମୋତେ ଫାଇଟ୍ ଉପରେ ଅଧିକ ଧ୍ୟାନ ଦେବାକୁ ପଡ଼ିବ। ଲକ୍‌ଡାଉନ୍ ଶେଷ ହେବା ପରେ କିଛିଦିନ ଫାଇଟ୍ ଟ୍ରେନିଂ ନେବାକୁ ସ୍ଥିର କରିଛି। ତେବେ ଫିଲ୍ମର ଟାଇଟଲ ଫାଇନାଲ ହୋଇନାହିଁ।' ସୂଚନାଯୋଗ୍ୟ ସୋନାକ୍ଷୀ ସିହ୍ନାଙ୍କ ବଲିଉଡ୍ କ୍ୟାରିୟର ଆରମ୍ଭ ହୋଇଥିଲା 'ଦବଙ୍ଗ' ଫିଲ୍ମରୁ। ଏଥିରେ ସଲମାନଙ୍କ ସହ ତାଙ୍କର ଯୋଡି ଦର୍ଶକଙ୍କୁ ବେଶ୍ ପ୍ରଭାବିତ କରିଥିଲା।

ହାଃ ହାଃ

ଲିପିକା



**ସୂଚନା**

ଏଠାରେ ଫଟୋ ପ୍ରକାଶ ପାଇବା ପାଇଁ କିଛି ଟଙ୍କା ଦେବାକୁ ପଡ଼େନାହିଁ। ଯୋଗ୍ୟ ବିବେଚିତ ଫଟୋ ହିଁ ପ୍ରକାଶ ପାଇବ।

ଆପଣଙ୍କ ମୁହଁ ମଡେଲ ମିରର୍‌ରେ ଦେଖିବାକୁ ଚାହୁଁଥିଲେ ଯୋଗାଯୋଗ: ଧରିତ୍ରୀ ଛୁଟିଦିନ, ବି–୧୫ ରସୁଲଗଡ଼ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦

ଫୋନ ନଂ: (୦୬୭୪) ୨୫୮୦୧୦୧

ଫଟୋ ସୌଜନ୍ୟ: କୁମାର ଶରତ, ଧରିତ୍ରୀ

## ସୁନ୍ଦର

ଶିକ୍ଷକ ପିଲାଙ୍କୁ– ସୁନ୍ଦର ଝିଅଙ୍କୁ ଇଂଲିଶରେ କ'ଣ କହନ୍ତି ?
ମଣ୍ଟୁ– ସାର୍ ମୁଁ କହିବି।
ଶିକ୍ଷକ– ହଉ କହ।
ମଣ୍ଟୁ– ଆଇ ଲଭ୍ ୟୁ...।


## ସେଟିଂ

ମୋହନ ରାଜୁକୁ– ଆରେ ଏତେ ସୁନ୍ଦରୀ ଓ ଧନୀ ଝିଅ ତୋ ସହ କେମିତି ସେଟିଂ ହେଇଗଲା ?
ରାଜୁ– ମୁଁ ସବୁଦିନ ଏଟିଏମ୍ ଯାଉଥିଲି ଏସି ପବନ ଖାଇବାକୁ। ହେଲେ ସେ ମତେ ଧନୀ ବୋଲି ଭାବିନେଲା। ଆଉ ପଟିଗଲା।

## ଦୋଷତ୍ରୁଟି

ଜ୍ୱାଇଁ ଶାଶୁକୁ–ଆପଣଙ୍କ ଝିଅ ଭିତରେ ଅନେକ ଦୋଷତ୍ରୁଟି ରହିଛି।
ଶାଶୁ– ହଁ, ମୁଁ ଜାଣିଛି। ସେଇଥିପାଇଁ ତ ତାକୁ ଭଲ ପୁଅ ମିଳିଲା ନାହିଁ।









# ଫ୍ୟାଶନ୍‌ରେ ମାସ୍କ

**ସମୟ ସହିତ ବଦଳିଥାଏ ଫ୍ୟାଶନ୍। ଏବେ ଯେମିତି ମହାମାରୀ ପାଇଁ ମାସ୍କ ପିନ୍ଧିବା ଅନିବାର୍ଯ୍ୟ କରାଯାଇଛି। ଆଉ ଏହି ମାସ୍କରେ ବି କେମିତି ଷ୍ଟାଇଲିଶ୍ ଲୁକ୍ ମିଳିପାରିବ, ତାକୁ ନେଇ ଆରମ୍ଭ ହୋଇଯାଇଛି ପରୀକ୍ଷା ନିରୀକ୍ଷା। ଫଳରେ ଆସିଯାଇଛି ଡ୍ରେସ୍ ସହିତ ମ୍ୟାଚିଂ ମାସ୍କ ସହ ରଙ୍ଗିନ ପ୍ରିଣ୍ଟେଡ୍ ମାସ୍କ, ପର୍ସନାଲାଇଜ୍ଡ ଫେସ୍ ପ୍ରିଣ୍ଟ ମାସ୍କ ଆଦି। ଏହିସବୁ ମାସ୍କ ସୁରକ୍ଷା ଦେବା ସହ ସୁନ୍ଦରତା ବି ବଢ଼ାଉଛି...**

**କଲରଫୁଲ୍ ମ୍ୟାଚିଂ ମାସ୍କ–** ବିଭିନ୍ନ ପ୍ରକାର ରଙ୍ଗବେରଙ୍ଗି ମାସ୍କ ଏବେ ବଜାରରେ ଉପଲବ୍ଧ ହେଉଛି। କେବଳ ସାଲଓ୍ୱାର ସୁଟ୍ ନୁହେଁ କୁର୍ତ୍ତି, ଶାଢ଼ି, ଶାର୍ଟ, ଟି-ଶାର୍ଟ ଆଦି ସହ ମ୍ୟାଚିଂ ମାସ୍କ ବି ମିଳୁଛି। କଲରଫୁଲ୍ ଜିଓମେଟ୍ରିକାଲ୍ ପ୍ରିଣ୍ଟ ମାସ୍କର ଚାହିଦା ବି ବହୁତ ରହିଛି। କାରଣ ଏହି ମହାମାରୀ ସମୟରେ ସମସ୍ତେ ମାସ୍କରେ ମଧ୍ୟ ଆକର୍ଷକ ଦେଖାଯିବାକୁ ଚାହୁଁଛନ୍ତି।

**ପର୍ସନାଲାଇଜ୍ଡ ଫେସ୍ ପ୍ରିଣ୍ଟ ମାସ୍କ–** ଯେଉଁମାନେ ନିଜ ମୁହଁକୁ ଲୁଚାଇ ରଖିବାକୁ ଚାହୁଁ ନାହାନ୍ତି ସେମାନଙ୍କ ପାଇଁ ଏକ ଉନ୍ନତ ଧରଣର ମାସ୍କ ଆସିଛି, ଯେଉଁଥିରେ ମୁହଁ ମାସ୍କରେ ଲୁଚିଥିଲେ ବି ନ ଲୁଚିବା ଭଳି ଲାଗେ। କାରଣ ଉକ୍ତ ମାସ୍କରେ ନିଜ ମୁହଁର ତଳ ଭାଗ ପ୍ରିଣ୍ଟ ହୋଇଥାଏ। ଏହି ମାସ୍କ କେରଳ ଓ ତାମିଲନାଡୁରେ ଦେଖିବାକୁ ମିଳେ। ଏଠାକାର କିଛି ଫଟୋ ଷ୍ଟୁଡିଓ ଲୋକଙ୍କର କ୍ଲୋଜ୍ ଅପ୍ ସଟ୍ ନେଇ, ମୁହଁର ତଳ ଭାଗର ଫଟୋକୁ ଡବଲ ଲେୟାର କପଡା ମାସ୍କ ଉପରେ ପ୍ରିଣ୍ଟ କରୁଛନ୍ତି। ଏହି ପ୍ରୋସେସ୍ ପାଇଁ ମାତ୍ର ୨୦ ମିନିଟ୍ ସମୟ ଲାଗେ। ଆଉ ସେହି ମାସ୍କ ୬୦ଟଙ୍କାରେ ବିକ୍ରି ହୋଇଥାଏ।

**ଲିପ୍ ପ୍ରିଣ୍ଟ ମାସ୍କ–** ଯୁବତୀଙ୍କ ପାଇଁ ଏବେ ଲାଲରଙ୍ଗର ସୁନ୍ଦର ଲିପ୍ ବା ଓଠ ଥିବା ମାସ୍କ, ଏମିତିକି ବିଭିନ୍ନ ଅଭିନେତ୍ରୀଙ୍କ ଓଠ ଥିବା ମାସ୍କ ବି ଉପଲବ୍ଧ ହେଉଛି। ଖାସ୍‌କରି ଯବୁତୀମାନଙ୍କର ଏହି ମାସ୍କ ପାଇଁ ବିଶେଷ ଚାହିଦା ରହୁଛି।

**କାର୍ଟୁନ ମାସ୍କ–** ବିଭିନ୍ନ କାର୍ଟୁନ୍ କ୍ୟାରେକ୍ଟର ପ୍ରିଣ୍ଟ ଥିବା ମାସ୍କ ଯୁବତୀଙ୍କ ସହ ଛୋଟ ପିଲାଙ୍କୁ ବହୁତ ପସନ୍ଦ ଆସୁଛି। ଏମିତିକି କାର୍ଟୁନ ବିଲେଇର ନିଶ ଓ ସୁନ୍ଦର ନାକ ଥିବା ମାସ୍କ ବି ମିଳୁଛି।

**ବିବାହ ବେଳେ ଡିଜାଇନର୍ ମାସ୍କ–** ଏହି ମହାମାରୀ ସମୟରେ ହେଉଥିବା ବିବାହରେ କନିଆମାନେ ଡିଜାଇନର୍ ମାସ୍କ ପିନ୍ଧିବାକୁ ପସନ୍ଦ କରୁଛନ୍ତି। ପୋଷାକ ସହ ମ୍ୟାଚ୍ କରୁଥିବା ଏବଂ ଲେସ୍, ମାଳି, କୁନ୍ଦନ, ମୋତି ଆଦିରେ ସଜାଯାଇଥିବା ମାସ୍କ କନିଆ ପିନ୍ଧୁଛନ୍ତି, ଯଦ୍ୱାରା ତାଙ୍କ ବ୍ରାଇଡାଲ୍ ଲୁକ୍ ଖରାପ ହେଉନାହିଁ।

**ଫନୀ ମାସ୍କ–** ଫନୀ ଆନିମଲ୍, ଫନୀ ଫେସ୍ ଭଳି ବିଭିନ୍ନ ପ୍ରକାର ଫନୀ ମାସ୍କ ବି ଏବେ ମିଳୁଛି। ଯୁବଗୋଷ୍ଠୀ ଏହାକୁ ବେଶ୍ ପସନ୍ଦ କରୁଛନ୍ତି।

**ଗାମୁଛା ମାସ୍କ–** ଏବେ ଗାମୁଛାକୁ ଅନେକେ ମାସ୍କ ଭାବେ ବ୍ୟବହାର କରୁଛନ୍ତି। ଖାସ୍‌କରି ରାଜନେତାମାନେ ଏଭଳି ମାସ୍କ ପିନ୍ଧୁଥିବା ଦେଖାଯାଏ। ସେମାନଙ୍କୁ ଅନୁସରଣ କରି ଏବେ ଗାମୁଛା ମାସ୍କ ବି ଫ୍ୟାଶନ୍ ପାଲଟିଗଲାଣି।







ବ୍ୟାକ୍ ପେଜ୍









# ଫ୍ରାଏଡ୍ ଏଗ୍ ଆର୍ଟ

**ଜା**ପାନର ଇଟୋନୀ ମାମା ନାମ୍ନୀ ଜଣେ ମହିଳା ନିଜର ତିନି ଝିଅଙ୍କୁ ଖୁସି କରିବା ପାଇଁ ଆପଣେଇଛନ୍ତି ଏକ ଅଭିନବ ଉପାୟ। ଜାପାନୀ କ୍ୟାରାବେନ ବା ଖାଦ୍ୟକୁ ସୁନ୍ଦରଭାବେ ସଜାଇବା କୌଶଳରେ ସେ ପାରଙ୍ଗମ। ଆଉ ଏହି କଳାକୁ ବିନିଯୋଗ କରି ସେ ଫ୍ରାଏଡ୍ ଏଗ୍‌କୁ ସୁନ୍ଦରଭାବେ ସଜାଉଛନ୍ତି। ବିଭିନ୍ନ କାର୍ଟୁନ ଚରିତ୍ର, ପଶୁପକ୍ଷୀ ଆଦିକୁ ସେ ଫ୍ରାଇଡ୍ ଏଗ୍‌ରେ ଏତେ ଆକର୍ଷକ ରୂପ ଦିଅନ୍ତି ଯେ, ତାକୁ ଖାଇବାକୁ ଇଚ୍ଛା ହୁଏ ନାହିଁ। ୱିନି ଦି ପୁ, ମିକି ମାଉସ୍, ମିନି ମାଉସ୍, ପିକାଚୁ ଭଳି କାର୍ଟୁନ୍ କ୍ୟାରେକ୍ଟର ତାଙ୍କ ଫ୍ରାଏଡ୍ ଏଗ୍ ଆର୍ଟରେ ଜୀବନ୍ତ ଲାଗନ୍ତି। ଡେକୋରେସନ୍ ଅଧିକ ଆକର୍ଷକ ହେବା ଲାଗି ଏଥିରେ ସେ ରଙ୍ଗିନ ପନିପରିବା, ସସେଜ୍ ପିସ୍, ସସ୍, ସିଁୱିଡ୍ ଆଦି ମଧ୍ୟ ବ୍ୟବହାର କରନ୍ତି। ଏସବୁର ଫଟୋକୁ ସେ ଇନଷ୍ଟାଗ୍ରାମରେ ପୋଷ୍ଟ କରନ୍ତି। ଏବେ ତାଙ୍କର ୧୪୧,୦୦୦ ଫଲୋୟର ହୋଇଗଲେଣି।

## କାର୍ଟୁନ କର୍ନର

